# ଜୟଗୁରୁ

## ନୀଳାଚଳ ସାରସ୍ୱତ ସଂଘ, ପୁରୀ

## ଶାଖା - ଆମେରିକା ସାରସ୍ୱତ ସଂଘ

୧୨୮ତମ ଜନ୍ମୋତ୍ସବ ଅଧିବେଶନର କାର୍ଯ୍ୟସୂଚୀ

ତାରିଖ - ୦୮-୧୬-୦୮     ସମୟ -୦୭:୧୫-୧୧:୩୫ (ET) / ୧୧: ୧୫-୧୫:୩୫ (GMT)     ପାଳିଆ - ବ୍ରଜ ଭାଇ

***Phone Number – (218) 936-1100, Access Code: 62719#,     Backup Number – (218) 936-1200, Access code: 52924878***

| Time (ET) | ପ୍ରଥମ ଅଧିବେଶନ (ସକାଳ ୭:୧୫ ରୁ ୮:୩୦) | First session (7:15am - 8:30am) |
|---|---|---|
| 7:15 – 7:30 | ପ୍ରତୀକ୍ଷା (ନୂତନ ପ୍ରଭାତେ ନୂତନ ହୃଦୟେ) ଜ୍ଞାନ ଭାଇ | Pratiksha (Nutana Prabhate) Gyan Bhai |
| | ଆବାହନ (ନୟନେ ନୟନେ) ବୃନ୍ଦାବନ ଭାଇ | Aabahana (Nayane Nayane) Brundaban Bhai |
| 7:30 – 7:45 | ଆରତି ବ୍ରଜ ଭାଇ | Aarati Braja Bhai |
| 7:45 – 8:10 | ବନ୍ଦନା (ବନ୍ଦେ ଶ୍ରୀଗୁରୁ), ସ୍ତୋତ୍ର ବନ୍ଦନା ବୃନ୍ଦାବନ ଭାଇ | Bande Shriguru, Stotra Bandana Brundaban Bhai |
| 8:10 – 8:15 | ପରିଚୟ ପତ୍ର ବିଜୟ ଭାଇ | Parichaya Patra Bijoy Bhai |
| 8:15 – 8:25 | ନିରାଜନା (୩୪) ଜ୍ଞାନ ଭାଇ | Nirajana (Verse 34) Gyan Bhai |
| 8:25 – 8:27 | ଶ୍ରୀ ଶ୍ରୀ ଗୁରୁଗୀତା (ଶ୍ଳୋକ ୪୦) ବିଶ୍ୱଜିତ୍ ଭାଇ | Shri Shri GuruGeeta (Verse 40) Biswajit Bhai |
| 8:27 – 8:28 | ପରପୂଜା ନିମନ୍ତ୍ରଣ ବ୍ରଜ ଭାଇ | Invitation for the next session Braja Bhai |
| 8:28 – 8:30 | ଜୟଗୁରୁ ନାମ କୀର୍ତ୍ତନ, ପ୍ରଣାମ ଓ ଆସନ ବନ୍ଦ | Jayaguru nama kirtana and closing of aasana |

| Time (ET) | ଦ୍ୱିତୀୟ ଅଧିବେଶନ (ସକାଳ ୯:୧୫ - ୧୧:୩୫) | Second session (9:15am – 11:35pm) |
|---|---|---|
| 9:15 – 9:30 | ପ୍ରତୀକ୍ଷା (ଆସ ଆନନ୍ଦ ସ୍ୱରୂପ) ଶିବାନୀ ମ· ମା’ | Pratiksha (Aasa Ananda Swarupa) Sibani M. Maa |
| | ଆବାହନ (ବଜାଅ ଶଙ୍ଖ ମହୁରୀ) ବୃନ୍ଦାବନ ଭାଇ | Aabahana (Bajaa Sankha) Brundaban Bhai |
| 9:30 – 9:32 | ପ୍ରଣାମ ଗାନ ପରେ ପରଦା ଉନ୍ମୋଚନ | Pranama and opening of the curtain |
| 9:32 – 9:40 | ସଂଗୀତ (ଧନ୍ୟ ଧନ୍ୟ ଗୁରୁଦେବ) ଲୀନା ମା’ | Song (Dhanya Dhanya Gurudeba) Leena Maa |
| 9:40 – 9:45 | ନିଗମ ଉପଦେଶ (ନବବର୍ଷର ଆଶୀର୍ବାଦ, ପୃଷ୍ଠା ୪୧-୪୩) ବ୍ରଜ ଭାଇ | Nigama Upadesha (Nababarsara Aasheerbad, pages 41-43) Braja Bhai |
| 9:45 – 10:05 | ସଂଗୀତ (ନବ ବରଷର ପ୍ରଥମ) ଜ୍ଞାନ ଭାଇ | Song (Naba Barasara Prathama) Gyan Bhai |
| 10:05 – 10:20 | ଗୁରୁଗୀତା (ସଂକ୍ଷିପ୍ତ ପରିଚୟ, ପୃଷ୍ଠା ୧୬-୨୦) ସୁବ୍ରତ ଭାଇ | Gurugeeta (Sankshipta Parichaya, pages 16-20) Subrat Bhai |
| 10:20 –10:35 | ସଂଗୀତ (ସ୍ନେହ ପ୍ରୀତି ଭକ୍ତି ଭରା) ନିବେଦିତା ମା’ | Song (Sneha Preeti Bhakti) Nibedita Maa |
| 10:35 – 11:00 | ଲୀଳା ପ୍ରସଙ୍ଗ (ମୋର ଗୋଟିଏ କଥା, ପୃଷ୍ଠା ୧୨୬-୧୨୯) ପଦ୍ମା ମା’ | Leela Prasanga (Mora Gotie Katha, pages 126-129) Padma Maa |
| 11:00 –11:10 | ସଂଗୀତ (ଅଭୟ ବାଣୀ) ବୃନ୍ଦାବନ ଭାଇ | Songs (Abhaya Banee) Brundaban Bhai |
| 11:10 –11:20 | ଭାବ ବିନିମୟ | Bhaaba Binimaya |
| 11:20 –11:21 | ଆସନ୍ତା ସଂଘପୂଜା ପାଇଁ ନିମନ୍ତ୍ରଣ (୮-୧୭-୦୮) ବରଦା ଭାଇ | Invitation for the next puja (8-17-08) Barada Bhai |
| 11:21 –11:22 | ତ୍ରୁଟି ବିଚ୍ୟୁତି ପାଇଁ କ୍ଷମା ପ୍ରାର୍ଥନା ବ୍ରଜ ଭାଇ | Truti Bichyuti Braja Bhai |
| 11:22 –11:28 | ବିଦାୟ ପ୍ରାର୍ଥନା (ବିଦାୟ ବେଳାରେ) ବରଦା ଭାଇ | Last Song (Bidaya Belare) Barada Bhai |
| 11:28 –11:30 | ଜୟଗୁରୁ ନାମ କୀର୍ତ୍ତନ ଓ ଆସନ ବନ୍ଦ | Jayaguru naama kirtana and closing of aasana |
| 11:30 –11:35 | ସଂଘସେବୀଙ୍କର ଉପସ୍ଥାନ ଜ୍ଞାନ ଭାଇ | Attendance Gyan Bhai |

## ନୂତନ ପ୍ରଭାତେ ନୂତନ ହୃଦୟେ

ନୂତନ ପ୍ରଭାତେ ନୂତନ ହୃଦୟେ ପୂଜିବି ନବୀନ ପ୍ରାଣଧନେ
ନୂତନ ନୂତନ ଭକତି-ସୁମନ କରିବି ଶ୍ରୀପଦେ ଅରପଣ
ଜାଗେ ପ୍ରାଣେ ଆଜି
କେତେ ଅଭିନବ ଆଶାରାଜି ।୧।

ନବୀନ ଅନ୍ତରୁ ନବୀନ ଭାଷାର ସଙ୍ଗୀତ-ଝଙ୍କାର ପଡେ ଝରି
ନବୀନ ସେ କେଉଁ ଗୋପନ ରାଇଜୁଁ ତରୁଣବନ୍ଧୁ ସୋହାଗ ଧରି
ଦଶ ଦିଶ ଭରି
ପ୍ରେମାଲୋକେ ଆଲୋକିତ କରି ।୨।

ନବୀନ ଲଗନେ ବନ୍ଧୁ ଶ୍ରୀଚରଣେ ପ୍ରେମ-ଆଶୀର୍ବାଦ କରେ ଭିକ୍ଷା
ସେହି ପ୍ରେମେ ତାର ବିଶ୍ୱପରିବାର ସେବିବି ମାଗୁଛି ଏହି ଦୀକ୍ଷା
ବିଶ୍ୱସେବା କରି
ବାହିନେବି ମୋର ଦେହତରୀ ।୩।

ମନ୍ତ୍ରର ସାଧନ କରିବାରେ ମନ ଥିଲେ ଥାଉ ଅବା ଯାଉ ପ୍ରାଣ
ମନ୍ତ୍ରସାଧନେ ବା ଶରୀରପତନେ କରମର ହେଉ ଅବସାନ
'ଜୟଗୁରୁ' ନାମ
କରୁ ସଦା ବରାଭୟ ଦାନ ।୪।

## ନୟନେ ନୟନେ ଦିଅ ଦେଖା

ନୟନେ ନୟନେ, ଦିଅ ଦେଖା
ପ୍ରଭାତ ଶିଶିରେ ଝରି ବର୍ଣ୍ଣେ ବର୍ଣ୍ଣେ ରୂପ ଧରି ।୦।

ଆକାଶ ନୀଳିମାପରେ ସ୍ନିଗ୍‌ଧ ଜ୍ୟୋତିମଣ୍ଡଳରେ
ଶ୍ୱେତଶୁଭ୍ର ଶତଦଳେ ଫୁଟାଅ ସ୍ୱରୂପରେଖା ।୧।

ହୃଦୟ-କମଳେ ରାଜ, ଅନାହତ-ତାରେ ବାଜ
କରି ରାଜ-ଅଭିଷେକ ପୂର୍ଣ୍ଣ ହେଉ ଆମ ଦୀକ୍ଷା ।୨।

ଗିରି-ବନ ନଦୀତଟେ, କୁଟଜବାସ ଚହଟେ
ଅଭିଷେକପାଇଁ ତବ, ପ୍ରକୃତିର ଶୁଭ୍ରଲେଖା ।୩।

ଯୋଗୀ-ଧ୍ୟାନେ ଜ୍ୟୋତିର୍ମୟ, ଜ୍ଞାନୀର ବ୍ରହ୍ମ ଚିନ୍ମୟ
ଭକତ ପ୍ରେମନିଳୟ ପ୍ରଣବର ବିନ୍ଦୁରେଖା ।୪।

ଶ୍ରାବଣ ବଉଦେ ଦୋଳି ପୂର୍ଣ୍ଣିମାଶ୍ରୀ ପୂର୍ଣ୍ଣ କରି
ଆସ ବନ୍ଦାଇବି ଧରି ଜ୍ୟୋଛନାର ଶୁଭ୍ରଟୀକା ।୫।

## ଆସ ଆନନ୍ଦ ସ୍ୱରୂପ

ଆସ ଆନନ୍ଦ ସ୍ୱରୂପ ପ୍ରେମ ପସରା
ବାରେ ହୃଦୟ ପରଶ ଶୋକ ପାଶୋରା ।୦।
ହସି ହସି ଶିଶୁ ଯାଉଛି ଲୋଟି
ଫୁଟି ଉଠେ ଫୁଲ ବାସ ଚହଟି
(ଆଜି) ଉଛୁଳେ ଆନନ୍ଦ ଭୁବନ ସାରା ।୧।
ଖେଳିଯାଏ ହସ ପବନ ଦୋଳେ
ଭାସିଯାଏ ବାସ ମୃଦୁ ହିଲ୍ଲୋଳେ
(ଆଜି) ହସେ ମିଶି ଭାସେ ସୁବାସ ଧାରା ।୨।
ପ୍ରାଣେ ପ୍ରାଣେ ଆଜି ଏକି ମିଳନ
କାହା ସ୍ମୃତି ଆଣେ ସକଳ ମନ
(ଆଜି) ଲଘିଯାଏ ଦେହ ପିଞ୍ଜରା ସାରା ।୩।
ଆନନ୍ଦେ ନାଚରେ ଆନନ୍ଦ ଦେଇ
ଆନନ୍ଦେ ଆଶିଷ ମଥାରେ ନେଇ
(ଆଜି) ମୁଞ୍ଚରେ ଆନନ୍ଦ ଲୋତକ ଧାରା ।୪।
ଅନାଏଁ ତୁମକୁ ସକଳ ତେଜି
ହସି ବସ ସତେ ନୀରବ ସାଜି
(ଆଜି) ଉଙ୍କି ମାରି ହସେ ଗଗନ ତାରା ।୫।

## ବଜାଅ ଶଙ୍ଖ ମହୁରୀ

ବଜାଅ ଶଙ୍ଖ ମହୁରୀ ବିଜୟ କାହାଳୀ ଲୋ ସଜନୀ ଦିଅ ହୁଳହୁଳି
ଆସିଛନ୍ତି ଭକତଙ୍କ ଜୀବନ ସଙ୍ଖାଳି ଲୋ ସଜନୀ ଦିଅ ହୁଳହୁଳି ।୦।

ଯତନେ ସଜାଡ ଅରଚନା ଥାଳି ସଜାଅ ରତ୍ନ ପଲଙ୍କ
ହୃଦୟ ମନ୍ଦିରେ ବିଜେ ପ୍ରିୟତମ ଧିଆନରେ ଥରେ ଦେଖ
ଧୋଇଦିଅ ପାଦପଦ୍ମ ନେତ୍ର ନୀର ଢାଳି ଲୋ ସଜନୀ ।୧।

ପଣତରେ ପୋଛି ବୋଳି ଦିଅ ଅଙ୍ଗେ ଅଗୁରୁ ଚୁଆ ଚନ୍ଦନ
ମନ ଫୁଲହାର ମଣ୍ଡି ଦିଅ ଗଳେ ଚରଣ କର ବନ୍ଦନ
ଭେଟି ଦିଅ ଭକତିରେ କୁସୁମ ଅଞ୍ଜଳି ଲୋ ସଜନୀ ।୨।

ଆଦରେ ନିବେଦି ଧୂପ ନଇବେଦ୍ୟ ଭୁଞ୍ଜାଅ ଜନନୀ ପରି
ଭକତ ଭାବରେ ବନ୍ଧା ସେ ଠାକୁର ଲୋଡା ଖାଲି ଆଖିବାରି
ତୋଷ ଭବରସିଆଙ୍କୁ ଅଶ୍ରୁ ଅର୍ଘ୍ୟ ଢାଳି ଲୋ ସଜନୀ ।୩।

ମଧୁର ସଂଗୀତ ଗାଆ ଲୋ ସଜନୀ ମୃଦଙ୍ଗ ମଞ୍ଜିରା ବାଇ
ପ୍ରେମର ତରଙ୍ଗେ ଭାସିଚାଲ ସର୍ବେ ସାରା ଜଗତ ଭସାଇ
ଗୁରୁନାମ ଗାଇ ଗାଇ ନାଚ ଢଳି ଢଳି ଲୋ ସଜନୀ ।୪।

# ନବ ବରଷର ପ୍ରଥମ ପ୍ରଭାତେ

ନବ ବରଷର ପ୍ରଥମ ପ୍ରଭାତେ
କରେ ତବ ପ୍ରଣିପାତ
ହେ ମୋର ପ୍ରାଣର ଆରାଧ୍ୟ ଦେବତା
ହେ ମୋର ଜୀବନ ନାଥ !
ତୁମରି କୃପାର ଆଲୋକ ବିତରି
ଅନ୍ଧକାର ନାଶିଦିଅ
'ଅହଂ ମମତା' ଘୁଞ୍ଚାଇଣ ପ୍ରଭୁ
ତୁମରି କରିଣ ନିଅ ।
ଦେହର ଜଡତା ମନର କାଳିମା
ଘୁଞ୍ଚିଯାଉ ମୋର ଦୂରେ
ଅନ୍ତର ପୁର ପୁରି ରହିଥାଉ
ତୁମରି ମୋହନ ସ୍ୱରେ ।
ଶୁଦ୍ଧ କର ହେ ବୃତ୍ତି ମୋହର
ଉର୍ଦ୍ଧ୍ୱେ ଚାଳିତ କର
ତୁମରି ଅଭୟ- କର ପ୍ରସାରିଣ
ଆମ୍ଭଙ୍କୁ କୋଳରେ ଧର ।
ଅନ୍ତର ମଧ୍ୟରୁ ବିଦୂରିତ କର
ଅଶୁଭ ସଂସ୍କାରରାଶି
ଅଜ୍ଞାନର ମୂଳ ଚିର ଦିନ ପାଇଁ
ଦିଅ ହେ ଠାକୁର ନାଶି ।
ଜ୍ଞାନର ଅଗ୍ନିରେ ପୋଡିଦେଇ କାଟ
ସକଳ କରମ ଡୋର
ପ୍ରେମ-ପ୍ଲାବନରେ ଭସାଇ ଦିଅ ହେ
ଦଗଧ ହୃଦୟ ମୋର ।
ସେ ମରୁ ହୃଦରେ ହେଉ ଜାଗରଣ
ପ୍ରେମର ବୃନ୍ଦାବନ
ନିତ୍ୟଲୋକର ଆଭାସ ଫୁଟୁ ହେ
ମୋ ଅନ୍ତରେ ଅନୁକ୍ଷଣ ।
ମଦନେ ମୋହିଣ ସାର୍ଥକ କର
ମଦନମୋହନ ନାମ
ହୃଦରେ ସର୍ବଦା ଜାଗୁ ହେ ଠାକୁର
ତୁମରି ମୋହନ ଠାମ ।
ତୁମକୁ କେବଳ ଦେଖିବି ଠାକୁର
ସକଳ ହୃଦ ମଧ୍ୟରେ
ତୁମକୁ ଘେରିଣ ହେଉ ଜାଗରଣ
ଜଗତ ନୂଆ ଭାବରେ ।
ପ୍ରତି ଅଣୁ ମଧ୍ୟେ ତୁମରି ବିକାଶ
ଦେଖିବାକୁ ଯେହ୍ନେ ପାଇ
ତୁମରି ରୂପର ମାଧୁରିମା ମଧ୍ୟେ
ନିଜକୁ ଯାଏ ହରାଇ ।

ତୁମରି ମଙ୍ଗଳ- ଇଚ୍ଛାର ଯେପରି
ଦେଇପାରେ ସଦା ଜୟ
ନିର୍ଭର କରିଣ ତୁମରି ଉପରେ
ହୋଇ ପାରିବି ନିର୍ଭୟ ।
ବିଶ୍ୱାସ ଦିଅ ଦିଅ ନିର୍ଭରତା
ଦିଅ ହେ ଭକତି-ଜ୍ଞାନ
ଦିଅ ମନେ ବଳ ଦୃଢତା ଅଟଳ
ଦିଅ ହେ ଅଦୀନ ପ୍ରାଣ ।
ବାହୁରେ ଶକ୍ତି ହୃଦୟରେ ଭକ୍ତି
ଆସୁ ହେ ଦେବତା ଜାଗି
ସ୍ୱଭାବ-ବିରୋଧୀ ରିପୁର ପ୍ରଭାବ
ନିମିଷକେ ଯାଉ ଲିଭି ।
ନୟନ ମଧ୍ୟରୁ ମାୟା-ଆବରଣ
ଯାଉ ମୋର ତ୍ୱରା ଖୋଲି
ବିଶ୍ୱରୂପଙ୍କୁ ଦର୍ଶନ କରି
ଲୋଟିବି ଚରଣେ ବୋଲି ।
ଜଗତକୁ ଯେହ୍ନେ ତବ ରୂପ ଭାବି
ପାଇବି ହେ ଅତି ଭଲ
ତୁମରି ଅସୀମ ପ୍ରେମର କଣିକା
ସସୀମ ହୃଦୟେ ଢାଳ ।
ଦିଅ ଜ୍ଞାନ ପ୍ରେମ କର୍ମଶକ୍ତି ଦିଅ
ସାଧିବି ତୁମରି କାର୍ଯ୍ୟ
ସବୁ ଆବରଣ ହରି ନେଇ ପ୍ରଭୁ
ଦିଅ ହେ ସେବକ ସାଜ ।
ସବୁ ଅଭିମାନ ଚୂର୍ଣ୍ଣ କରି ହେ
ତୁମରି କରିଣ ନିଅ
ତୁମରି ବିନ୍ଦୁ ସେବା ଅଧିକାର
ଦିଅ ପ୍ରଭୁ ମୋତେ ଦିଅ ।
ତୁମ୍ଭେ ମୋର ପ୍ରଭୁ ମୁହିଁ ତବ ଦାସ
ରହୁ ସଦା ଏହି ଜ୍ଞାନ
ନିର୍ମ୍ମମ କରି ଚୂର୍ଣ୍ଣ କର ହେ
ମୋର ଦମ୍ଭ ଅଭିମାନ ।
ତୁମରି ଅତୁଳ ରୂପ ଆଲୋକରେ
ପୂର୍ଣ୍ଣ କର ମୋର ପ୍ରାଣ
ସ୍ନେହର ପରଶ ଦେଇ ହେ ଠାକୁର
ଅହମିକା କର ଚୂର୍ଣ୍ଣ ।
ତୁମରି ନାମର ଅମିୟ-ସାଗରେ
ବୁଡାଇଣ ମୋତେ ଦିଅ
ଚିର ଜୀବନର ଧ୍ରୁବତାରା ହୋଇ
ହୃଦୟ ଆକାଶେ ରୁହ ।

# ସ୍ନେହ-ପ୍ରୀତି-ଭକ୍ତି ଭରା

ସ୍ନେହ-ପ୍ରୀତି-ଭକ୍ତି ଭରା, ମୋଦେର ଗୁରୁ ଜଗତ୍‌ଜୋଡା
ତାହାର ମାଝେ ଆଛେ ଏକ ଜନ ସକଲ ଗୁରୁର୍ ସେରା
(ଓ ସେ) ଜ୍ଞାନ ଦିୟେ ତୈରୀ ସେ ଯେ ପ୍ରେମ ଦିୟେ ଘେରା ।
ଏମନ ଗୁରୁ କୋଥାଓ ଖୁଁଜେ ପାବେ ନା କୋ ତୁମି
ଆମାର ପ୍ରାଣେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ ।୧।

ଅତୁଲନ ସେ ରୂପେ ଗୁଣେ, ତାର ତୁଲନା ନାଇଁ ଭୁବନେ
କେବା ଏମନ ସଦାଇ ଫିରେ କାଙ୍ଗାଲ ଯଥାୟ ଦେଖେ
(ଓ ତାର) ସ୍ନେହେର ଡାକେ ମୁକ୍ତ ହଇ ଗୋ ସକଲ ଜ୍ୱାଲା ଥେକେ ।
ଏମନ ଗୁରୁ କୋଥାଓ ଖୁଁଜେ ପାବେ ନା କୋ ତୁମି
ଆମାର ପ୍ରାଣେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ ।୨।

କାର ପରଶେ ଶୀତଲତା, କେବା ଏମନ ଶାନ୍ତିଦାତା
ବାଞ୍ଛାକଳ୍ପତରୁ କେବା ଭକ୍ତେର ଭାବଟି ବୁଝେ
ତ୍ରିତାପଜ୍ୱାଲା ଦୂର ହୟରେ କାର ପାୟ ମାଥା ଗୁଁଜେ ।
ଏମନ ଗୁରୁ କୋଥାଓ ଖୁଁଜେ ପାବେ ନା କୋ ତୁମି
ଆମାର ପ୍ରାଣେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ ।୩।

ଭକ୍ତେର ବ୍ୟଥାୟ ସେ ଯେ ବ୍ୟଥୀ, ଭକ୍ତେର ସଦା ସାଥେର ସାଥୀ
ଭକ୍ତେର ଭାଲ ସଦାଇ କରେ ପ୍ରେମେର ଚୋଖେ ଚେୟେ
ଭକ୍ତେର ମାନ ସଦାଇ ରାଖେ ଆପନ ମାନଟି ଖେୟେ ।
ଏମନ ଗୁରୁ କୋଥାଓ ଖୁଁଜେ ପାବେ ନା କୋ ତୁମି
ଆମାର ପ୍ରାଣେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ ।୪।

ଜୀବେର ଦୁଃଖ ସଇତେ ନାରି, ବ୍ରହ୍ମାନନ୍ଦ ପରିହରି
କେବା ଏମନ ଜୀବେର ଲାଗି ଦ୍ୱାରେ ଦ୍ୱାରେ ଘୁରି
ସେ ଯେ ଭକ୍ତେର ଲାଗି ଜୀବନ ଧରେ ଭକ୍ତେର କୁଶଲ ସ୍ମରି ।
ଏମନ ଗୁରୁ କୋଥାଓ ଖୁଁଜେ ପାବେ ନା କୋ ତୁମି
ଆମାର ପ୍ରାଣେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ ।୫।

ସଦାଇ ଶିଷ୍ୟେର ପାଛେ ପାଛେ, କେବା ଏମନ ଫିରିତେଛେ
ଶିଷ୍ୟେର ଦୁଃଖ ଦେଖେ କେବା ଏମନ ଯତନ କରେ
ଭକ୍ତେର ବ୍ୟଥା ବୁଝେ ଯେ ତାର ସଦାଇ ଆଁଖିଝୁରେ ।
ଏମନ ଗୁରୁ କୋଥାଓ ଖୁଁଜେ ପାବେ ନା କୋ ତୁମି
ଆମାର ପ୍ରାଣେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ ।୬।

ଦୃଷ୍ଟି ଏମନ କରୁଣ କାହାର, କେବା ଏମନ ଦୟାର ଆଧାର
କେବା ଏମନ ହାସିମୁଖେ ଲୟ ଗୋ ଆପନ କରେ
ଆଁଖି ହତେ କୃପାର କଣା କାର ବା ଏମନ ଝରେ ।
ଏମନ ଗୁରୁ କୋଥାଓ ଖୁଁଜେ ପାବେ ନା କୋ ତୁମି
ଆମାର ପ୍ରାଣେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ ।୭।

ପରେର ବୋଝ ଆପନ ମାଥେ, ତୁଲେ ନିୟେ ଆପନ ହାତେ
କେବା ଏମନ ବଦ୍ଧଜୀବେ ଦେୟ ଗୋ ମୁକ୍ତ କରେ
ହାସିମୁଖେ ଲୟ ଗୋ ଜ୍ୱାଲା ତାରି କୁଶଲ ତରେ ।
ଏମନ ଗୁରୁ କୋଥାଓ ଖୁଁଜେ ପାବେ ନା କୋ ତୁମି
ଆମାର ପ୍ରାଣେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ ।୮।

ଗୁରୁଶିଷ୍ୟେ ଏମନ ସ୍ନେହ, କୋଥାଏ ଖୁଁଜେ ପାବେ କେହ
ଏସ ଆମାର ହିୟାର ମାଣିକ ହୃଦେ ତୋମାୟ ଧରି
ତୋମାର କର୍ମେଇ ଜୀବନ ଆମାର (ଯେନ) ତୋମାୟ ଦେଖେଇ ମରି ।
ଏମନ ଗୁରୁ କୋଥାଓ ଖୁଁଜେ ପାବେ ନା କୋ ତୁମି
ଆମାର ପ୍ରାଣେର ଠାକୁର ସେ ଯେ ଆମାର ହୃଦୟ ସ୍ୱାମୀ ।୯।

# ଧନ୍ୟ ଧନ୍ୟ ଗୁରୁଦେବ

ଧନ୍ୟ ଧନ୍ୟ ଗୁରୁଦେବ ଶ୍ରୀନିଗମାନନ୍ଦ
ବିତରିଗଲ ଭକତେ ଅତୁଳ ଆନନ୍ଦ
ତୁମ ଉପଦେଶ ଯେତେ
ହେଉ ଜୀବନର ଚିର ସାଥୀ ଏ ମରତେ ।୧।
ବିଧିବରେ ଭାଗ୍ୟବନ୍ତ ଜନନୀ ପିଅର
ରଖିଲେ ନଳିନୀକାନ୍ତ ନାମଟି ତୁମର
ତୁମେ ଧରାକୁ ଆସିଲ
ଭକତି କମଳ ଜନ ମନେ ଫୁଟାଇଲ ।୨।
ପିନ୍ଧି ତୋର କଉପୁନି କଣ୍ଠେ ବାନ୍ଧି ମାଳି
ଭକତି ବିହୁନେ ମିଳିବେ କି ବନମାଳୀ
ଶିଖାଇଲ ତୁମେ ଜନେ
ଘରେ ବସି ଡାକଦେଲେ ମିଳିବେ ସେ ଦିନେ ।୩।
ଆଖି ଆଗେ ସିନା ତୁମ ମର ଦେହ ନାହିଁ
କଥା କହୁଅଛ ତୁମେ ପାଶେ ପାଶେ ଥାଇ
ମନ ପୂରାଇ ଡାକିଲେ
ଆଖି ପିଛୁଳାକେ ଆସି ଦେଖା ଦିଅ ଭଲେ ।୪।
ଥାଅ ପଛେ ଦୂରେ ତୁମ ଉପଦେଶ ବାଣୀ
ଶୁଭୁଥାଉ କାନେ କାନେ ଏତିକି ମାଗୁଣି
ଜୟ ହେ ଚିର ଅମର
ଘେନା କର ଚରଣରେ ଭକତି ଜୁହାର ।୫।

## ଅଭୟ ବାଣୀ

କହିଲେ ଠାକୁର ବିଦାୟ ପୂର୍ବରୁ ଶୁଣ ଏ କେତୋଟି ବଚନ
ମୋର ତିରୋଧାନେ ରଖିବ ସ୍ମରଣେ, କରିବ ଯତନେ ସାଧନ
ବତ୍ସ ! ଲଙ୍ଘି ଯିବ ବାଧା-ବନ୍ଧନ ।୧।
ପାଳିଲେ ବଚନ, ତୁମକୁ ଜଗତେ ନାହିଁ ଶକ୍ତି ରୋଧ କରିବ
ହେବ ଅଗ୍ରସର ବିଶ୍ୱ ରାଜପଥେ, କିଏ ବାଧା ଦେଇପାରିବ
ବତ୍ସ ! ତୁମ ଆଗେ ସିନା ହାରିବ ।୨।
ହୁଅ ଗୃହବାସୀ ଅଥବା ସନ୍ନ୍ୟାସୀ ନାହିଁ ଏଥି ବାଛବିଚାର
ମହତ ଇଚ୍ଛାକୁ ରୂପ ଦେବାପାଇଁ ଆଶ୍ରୟ ନେଇଛ ମୋହର
ବତ୍ସ ! ଏକପଥେ ସଖା ସୋଦର ।୩।
ମୋର ବର୍ତ୍ତମାନେ ଆଦେଶ ପାଳନେ ଦ୍ୱନ୍ଦ୍ୱ ନ ରହିବ କିଞ୍ଚିତେ
ନିଜ ମୁଖେ ମୁହିଁ କରେଁ ଯା ପ୍ରକାଶ ଅନୁସରି ଯିବ ସୁଚିତ୍ତେ
ବତ୍ସ ! ଉପଦେଶ ମାନି ନିଶ୍ଚିନ୍ତେ ।୪।
ମୋର ଅନ୍ତର୍ଦ୍ଧାନେ ଅସଲ ପରୀକ୍ଷା ଆରମ୍ଭ ହୋଇବ ସତ୍ୱରେ
ମୋ ଇଚ୍ଛା ସେକାଳେ ପ୍ରେରଣା ରୂପରେ ଫୁଟିବ ବିଶୁଦ୍ଧ ଅନ୍ତରେ
ବତ୍ସ ! ନ ଫୁଟିବ ଶୁଦ୍ଧ ନହେଲେ ।୫।
ସଦ୍‌ଗୁରୁ-ଅବ୍ୟକ୍ତ-ଇଚ୍ଛା ସବୁକାଳେ ପ୍ରକାଶ ନିର୍ମଳ ଅନ୍ତରେ
ରୂପାୟିତ ଯେବେ କରିବ ସେ ଇଚ୍ଛା ସଂଘବଦ୍ଧ ହୁଅ ସକଳେ
ବତ୍ସ ! ଅଧିକ ସଂହତ ଭାବରେ ।୬।
ଆପଣ ଚେଷ୍ଟାରେ ରୂପ ଦେବାପାଇଁ ମୋ ଇଚ୍ଛା ବ୍ୟକତ ଅବ୍ୟକ୍ତ
ଲାଗିଯିବ ଯେହୁ ଶିଷ୍ୟ ମୋର ସେହୁ ସେହି ସେ ପ୍ରେମିକ ଭକତ
ବତ୍ସ ! ସୁଖପାଏ ମୋତେ ପ୍ରକୃତ ।୭।
କହେ ବାରମ୍ବାର ମୋ ଇଚ୍ଛା ତାହାର ଅନ୍ତରେ ବିକଶି ଉଠିବ
ଅକୃତ୍ରିମ ପ୍ରେମବଳେ ସେ ହୃଦୟ ଶତଦଳ ରୂପେ ଫୁଟିବ
ବତ୍ସ ! ପରାଣ-ଅଶାନ୍ତି ତୁଟିବ ।୮।
ଯେତେଦିନ ଥିବି ସ୍ଥୂଳଦେହ ଧରି ମୁଖ ନିର୍ଦ୍ଦେଶକୁ ମାନିବ
ଅନ୍ତର୍ଦ୍ଧାନ ପରେ ବୁକୁ-ଭାଷା ମୋର ବୁଝିବାକୁ କ୍ଷମ ହୋଇବ
ବତ୍ସ ! ଅନ୍ତରୁ ପ୍ରେରଣା ପାଇବ ।୯।
ଚିତ୍ତ ଶୁଦ୍ଧ କର ଅଭାବେ ତାହାର ମୋ ଇଚ୍ଛା ବିକୃତ ରୂପରେ
ଦେଖାଦେବ ସିନା, ବୁଝିବାକୁ ହେଲେ ସମାହିତ ହୁଅ ଅନ୍ତରେ
ବତ୍ସ ! ଗଭୀରୁ ଅଧିକ ଗଭୀରେ ।୧୦।
ଚିତ୍ତଶୁଦ୍ଧି ପାଇଁ ଏକଦିଗେ ସର୍ବେ କର ଧ୍ୟାନ ଅବଲମ୍ବନ
ଗୁଣକ୍ଷୟ ପାଇଁ ଅପର ଦିଗରେ ଆଚର ନିଷ୍କାମ କରମ
ବତ୍ସ ! ସମଭାବେ ଦୁଇ ସାଧନ ।୧୧।
ତେବେ ସିନା ମୋତେ ଲଭିବ ପ୍ରକୃତେ ଫୁଟିବ ପ୍ରେରଣା ରୂପରେ
ଅନ୍ତରେ ପାଇବା ଅସଲ ପ୍ରାପତି ବୁଝିବ ସେକାଳେ ସକଳେ
ବତ୍ସ ! କେଭେଁ ନ କାନ୍ଦିବ ବିକଳେ ।୧୨।
ଅଛି ଚିରକାଳ ଥିବି ଚିରକାଳ ସନ୍ଦେହ ତିଳେ ଯେ କରିବ
ଅସ୍ତିତ୍ୱରେ ମୋର ନାହିଁ ତ ବିଶ୍ୱାସ ଝୁରି ଝୁରି କାନ୍ଦି ମରିବ
ବତ୍ସ ! ବିଫଳେ ଜୀବନ ହାରିବ ।୧୩।

ଏହି ଦେହକାଳେ ଦେଖୁଛ ସକଳେ ରହିଛି ବାହାରେ ତୁମର
ରକ୍ଷା କଲେ ଦେହ ସକଳ ହୃଦୟ ହେବ ମୋ ଆସନ ମନ୍ଦିର
ବତ୍ସ ! ଦେବତା ଆସନ ରୁଚିର ।୧୪।

## ବିଦାୟ ବେଳାରେ

ବିଦାୟ ବେଳାରେ ଆଜି ପ୍ରିୟ ପଦ ତଳେ
ବେଦନା ବିଧୁର ପ୍ରାଣେ ପ୍ରଣତି ମୋ ଢାଳେ ।୧।

ପୀରତି ପରଶ ପାଇଥିଲି ଏତେ କ୍ଷଣ
ପାଶୋରି ଥିଲି ମନରୁ ତ୍ରିତାପ ଦହନ ।୨।

ଏ ପ୍ରେମ ମିଳନ ପିଠ ଛାଡି ଯିବାପାଇଁ
ସଂସାର ଡାକଇ ଏବେ ତୁହାଇ ତୁହାଇ ।୩।

ଏତେ ପ୍ରେମ ଏତେ ସୁଖ ଛାଡି ମୁଁ କିପରି
ବିଷୟ ସଂସାରେ ଯିବି ତୁମ ସ୍ମୃତି ଧରି ।୪।

ଯେବେ ଯିବି ସେ ସଂସାରେ କରେ ପଦେ ଅଳି
ଲାଖି ରହୁ ମୋ ଆଖିରେ ତୁମ ରୂପ ଶିରୀ ।୫।

ତୁମକୁ ମୂଳରେ ରଖି କରମ କରିବି
ତୁମରି ସଂସାରେ ରହି ସଂସାର କରିବି ।୬।

ଦୁନିଆର ଝଞ୍ଜା ଯେବେ ଆସିବ ଘନାଇ
ନ ଛାଡିବି ତୁମ ପାଦ ଜୟଗୁରୁ ଗାଇ ।୭।

ବିଷୟ ବିଷକୁ ଯେବେ ଏ ମନ ଧାଇଁବ
ତୁମେ ଦେଖୁଅଛ ବୋଲି ପରାଣ ବାରିବ ।୮।

ତୁମ ପାଶେ ଆସିବାକୁ ଗଣୁଥିବି ଦିନ
ତୁମ ଡାକରାକୁ ସଜ ହୋଇଥିବ ମନ ।୯।

ସକଳ ତ୍ରୁଟି ମୋହର କରି ମାରଜନ
ଦୀନନାଥ ତୁମ ପ୍ରେମେ କର ନିମଗନ ।୧୦।